# ଜର୍ମାନ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ରଙ୍କ ମନ୍ତବ୍ୟକୁ ବିରୋଧ କଲା ଭାରତ

ମାର୍ଚ୍ଚ 23, 2024

ନୂଆଦିଲ୍ଲୀରେ ଥିବା ଜର୍ମାନୀର ଡେପୁଟି ଚିଫ୍ ଅଫ୍ ମିଶନଙ୍କୁ ଆଜି ଡକାଯାଇ ଆମର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ସେମାନଙ୍କ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ରଙ୍କ ମନ୍ତବ୍ୟ ଉପରେ ଭାରତର ଦୃଢ଼ ପ୍ରତିବାଦ ଜଣାଇ ଦିଆଯାଇଥିଲା । ଆମେ ଏଭଳି ମନ୍ତବ୍ୟକୁ ଆମର ନ୍ୟାୟିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଏବଂ ଆମ ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁଣ୍ଣ କରିବା ଭାବରେ ଦେଖୁଛୁ ।

ଭାରତ ହେଉଛି ଆଇନର ଶାସନ ସହିତ ଏକ ଜୀବନ୍ତ ଏବଂ ସୁଦୃଢ଼ ଗଣତନ୍ତ୍ର । ଦେଶରେ ଏବଂ ଗଣତାନ୍ତ୍ରିକ ଦୁନିଆର ଅନ୍ୟାନ୍ୟ ସ୍ଥାନରେ ଥିବା ସମସ୍ତ ଆଇନଗତ ମାମଲା ପରି, ଆଇନ ତତକ୍ଷଣାତ୍ ଏହି ମାମଲାରେ ନିଜର କାର୍ଯ୍ୟ କରିବ । ଏହି ପରିପ୍ରେକ୍ଷିରେ କରାଯାଇଥିବା ପକ୍ଷପାତିଆ ଅନୁମାନ ଅତ୍ୟନ୍ତ  ଅବାଞ୍ଛିତ ।

ନୂଆଦିଲ୍ଲୀ
ମାର୍ଚ୍ଚ 23, 2024